# NATIONAL NEWS BULLETIN (ODIA)
## 21st December - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ-ଜି. ରାମ୍ ଜି. ବିଲ୍-୨୦୨୫କୁ ମିଳିଲା ରାଷ୍ଟ୍ରପତିଙ୍କ ଅନୁମୋଦନ ।
- ସମଗ୍ର ଦେଶରେ ସାର ଉତ୍ପାଦନ ବର୍ତ୍ତମାନ ୩ କୋଟି ୬ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିବା କହିଲେ ପ୍ରଧାନମନ୍ତ୍ରୀ ।

— ଆସାମର ନାମରୂପଠାରେ ୧୦ ହଜାର ୬୦୧ କୋଟି ଟଙ୍କାର ସାର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ।

- ଇସ୍ରୋ ଆସନ୍ତା ବୁଧବାର ସର୍ବବୃହତ ବାଣିଜ୍ୟିକ ଯୋଗାଯୋଗ ଉପଗ୍ରହ ବ୍ଲୁବାର୍ଡ଼ ବ୍ଲକ୍-୨ର କରିବ ଉତ୍କ୍ଷେପଣ ।

ଏବଂ

- 'ସଣ୍ଡେଜ୍ ଅନ୍ ସାଇକେଲ୍'କୁ ଆଜି ପୂରିଲା ବର୍ଷେ ।

— ଦେଶର ୮ ହଜାର ସ୍ଥାନରେ ଆୟୋଜିତ ହେଉଛି ସୁସ୍ଥତାକୁ ପ୍ରୋତ୍ସାହିତ କରୁଥିବା ଏହି କାର୍ଯ୍ୟକ୍ରମ ।

## ପ୍ରେଜ୍-ଭି.ବି. ଜି. ରାମ ଜି. ଆସେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିକଶିତ ଭାରତ ଜି. ରାମ ଜି. ବିଲ୍-୨୦୨୫କୁ ଅନୁମୋଦନ କରିଛନ୍ତି । ପୂର୍ବରୁ ସଂସଦର ଶୀତକାଳୀନ ଅଧିବେଶନରେ ଏହି ବିଲ୍ ପାରିତ ହୋଇଥିଲା । ଏହି ଆଇନ ଅନ୍ତର୍ଗତ ଗ୍ରାମୀଣ ପରିବାରପାଇଁ ପ୍ରତି ଆର୍ଥିକ ବର୍ଷରେ ରୋଜଗାର ଗ୍ୟାରେଣ୍ଟି ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ କହିଛି, ଏହା ଗ୍ରାମୀଣ ନିଯୁକ୍ତି ନୀତିର ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଆଇନ ସଶକ୍ତୀକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ବିକାଶ ପଦକ୍ଷେପର ସମନ୍ୱୟକୁ ଆଗକୁ ବଢ଼ାଇବାର ପ୍ରୟାସ ବୋଲି ମନ୍ତ୍ରଣାଳୟ କହିଛି । ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ - ମନରେଗା-୨୦୦୫ ବଦଳରେ ବିକଶିତ ଭାରତ-ଜି. ରାମ ଜି. ଆଇନ କାର୍ଯ୍ୟ କରିବ ।

# ପି.ଏମ୍. - ଆସାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆସାମର ଦିବ୍ରୁଗଡ଼ ଜିଲ୍ଲାର ନାମରୂପ୍‌ଠାରେ ୧୦ ହଜାର ୬୦୧ କୋଟି ଟଙ୍କାର ଏକ ସାର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାର ଉତ୍ପାଦନକୁ ସୁଦୃଢ଼ କରିବା ଏବଂ ସେହି ଅଞ୍ଚଳରେ କୃଷି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି । କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୧୨ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆସାମର ସାର ଆବଶ୍ୟକତା ପୂରଣ କରିବା ସହିତ ଏହି କାରଖାନା ପଡ଼ୋଶୀ ରାଜ୍ୟଗୁଡ଼ିକୁ ସେବା ଯୋଗାଇବା, ସାର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ, ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସେହି ଅଞ୍ଚଳରେ ଶିଳ୍ପ ବିକାଶପାଇଁ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ । ୨୦୧୪ ମସିହାରେ ସାରା ଦେଶରେ ମାତ୍ର ୨ କୋଟି ୨୫ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଥିବାବେଳେ ଗତ ୧୦-୧୧ ବର୍ଷର କଠିନ ପ୍ରୟାସ ପରେ ଏହି ଉତ୍ପାଦନ ୩ କୋଟି ୬ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM on Congress)*** :..........

ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ଗୁଆହାଟୀର ପଶ୍ଚିମ ବୋରାଗାଓଁରେ ସହିଦ ସ୍ମାରକ କ୍ଷେତ୍ର ପରିଦର୍ଶନ କରିଥିଲେ । ସେଠାରେ ସେ ଆସାମ ଆନ୍ଦୋଳନର

ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ମୋଦି ଗୁଆହାଟୀରେ ପରୀକ୍ଷା ପେ ଚର୍ଚ୍ଚା ଆଲୋଚନା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଆସାମର ୨୫ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ବ୍ରହ୍ମପୁତ୍ର ନଦୀରେ ଏକ କ୍ରୁଜ୍ ଜାହାଜରେ ଯାତ୍ରା ସମୟରେ ଏହି ବାର୍ତ୍ତାଳାପ ହୋଇଥିଲା । ଗତକାଲି ଶ୍ରୀ ମୋଦି ଗୁଆହାଟୀରେ ଲୋକପ୍ରିୟ ଗୋପୀନାଥ ବର୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ ଅଟ୍ଟାଳିକାର ଉଦ୍‌ଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ନୂତନ ଟର୍ମିନାଲ୍ କମ୍ପ୍ଲେକ୍ସର ପ୍ରବେଶ ଦ୍ୱାରରେ ଭାରତରତ୍ନ ଲୋକପ୍ରିୟ ଗୋପୀନାଥ ବର୍ଦୋଲୋଇଙ୍କ ଏକ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚନ କରିବା ସହ ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଚୌହାନ - ଭି.ବି. ଜି. ରାମ ଜି. ବିଲ୍

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାର ପରବର୍ତ୍ତୀ ପଦକ୍ଷେପ ହେଉଛି ବିକଶିତ ଭାରତ ଜି. ରାମ ଜି. ବିଲ୍ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ପରିବାରର ବୟସ୍କ ସଦସ୍ୟଙ୍କୁ ପୂର୍ବ ଯୋଜନା ଅନୁଯାୟୀ ୧୦୦ ଦିନର ମଜୁରୀ ନିଯୁକ୍ତି ମିଳୁଥିବାବେଳେ ଏହି ଆଇନଦ୍ୱାରା ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ବିଲ୍‌ରେ କାମ

ଆବଣ୍ଟନ ନ ହେଲେ ବେକାରୀ ଭତ୍ତା ଏବଂ ମଜୁରୀ ବିଳମ୍ବ ହେଲେ ଅତିରିକ୍ତ ପରିମାଣରର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । କୃଷି ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି । ବିଲ୍ ପାଇଁ ୧ ଲକ୍ଷ ୫୧ ହଜାର କୋଟି ଟଙ୍କାର ଅଧିକ ପ୍ରସ୍ତାବ ଦିଆଯାଇଛି । ପଞ୍ଚାୟତ ସଚିବ, ନିଯୁକ୍ତି ସହାୟକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ସମୟୋଚିତ ଓ ପର୍ଯ୍ୟାପ୍ତ ଦରମା ପ୍ରଦାନ କରିବାପାଇଁ ବିଲ୍‌ରେ ପ୍ରଶାସନିକ ଖର୍ଚ୍ଚପାଇଁ ୬ ପ୍ରତିଶତରୁ ୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ଅଂଶ ରହିଛି ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

***Voice (Chouhan)*** :……

ବିଲ୍ ଉପରେ ଆସ୍ଥା ପ୍ରକଟ କରି ଶ୍ରୀ ଚୌହାନ କହିଛନ୍ତି, ଏହା ଜଳ ସଂରକ୍ଷଣ, ଗ୍ରାମ ଭିତ୍ତିଭୂମି, ଜୀବିକା ନିର୍ବାହ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷାପାଇଁ କାର୍ଯ୍ୟ ହାତକୁ ନେଇ ଗ୍ରାମୀଣ ବିକାଶରେ ସହାୟକ ହେବ । ଗ୍ରାମୀଣ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଦାରିଦ୍ର୍ୟରୁ ମୁକ୍ତ କରିବ । ବିକଶିତ ଭାରତ ନିର୍ମାଣ ପାଇଁ ବିକଶିତ ଗ୍ରାମଗୁଡ଼ିକର ସଙ୍କଳ୍ପକୁ ଏହି ବିଲ୍ ପୂରଣ କରେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ଇସ୍ରୋ - ସାଟେଲାଇଟ୍ ଲଞ୍ଚ୍

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ - ଇସ୍ରୋ ଆସନ୍ତା ବୁଧବାର ଦିନ ଏକ ଯୋଗାଯୋଗ ଉପଗ୍ରହ 'ବ୍ଲୁବାର୍ଡ଼ ବ୍ଲକ୍-ଟୁ'ର ଉଦ୍କ୍ଷେପଣ କରିବ । ଆମେରିକାର ଏ.ଏସ୍.ଟି. ସ୍ପେସ୍-ମୋବାଇଲ୍‌ର ଉପଗ୍ରହକୁ ପୃଥିବୀର ନିମ୍ନ କକ୍ଷପଥରେ LVM3-M6 ଦ୍ୱାରା ସ୍ଥାପିତ କରାଯିବ । ଏହା ସବୁଠାରୁ ବଡ଼ ବାଣିଜ୍ୟିକ ଯୋଗାଯୋଗ ଉପଗ୍ରହ ହେବ । ପରବର୍ତ୍ତୀ ପିଢ଼ିର ବ୍ଲୁବାର୍ଡ଼ ବ୍ଲକ୍-ଟୁ ଯୋଗାଯୋଗ ଉପଗ୍ରହର ଏକ ଅଂଶ, ଯାହା ମାନକ ମୋବାଇଲ୍ ସ୍ମାର୍ଟଫୋନ୍‌ଗୁଡ଼ିକୁ ସିଧାସଳଖ ମହାକାଶ ଆଧାରିତ ସେଲୁଲାର ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରଦାନ କରିବାପାଇଁ ଡିଜାଇନ୍ କରାଯାଇଛି । ଇସ୍ରୋଦ୍ୱାରା ବିକଶିତ ଲଞ୍ଚର୍ ମାର୍କ-ଥ୍ରୀ କିମ୍ବା LVM-3 ଏକ ତିନି ପର୍ଯ୍ୟାୟ ଲଞ୍ଚ୍ ଯାନ, ଯାହା ପୂର୍ବରୁ ଚନ୍ଦ୍ରଯାନ-୨ ଏବଂ ୩ ଏବଂ ୭୨ଟି ଉପଗ୍ରହ ବହନ କରିଥିବା ୨ଟି ୱାନ୍‌ୱେବ୍ ମିଶନ ଉତ୍କ୍ଷେପଣପାଇଁ ବ୍ୟବହୃତ ହୋଇଥିଲା । ଏହା ଗତମାସରେ କରାଯାଇଥିବା M5-CMS-03 ମିଶନକୁ ମଧ୍ୟ ସଫଳତାର ସହ ଶେଷ କରିଛି ।

## ମାଣ୍ଡବୀୟ - ସଣ୍ଡେ ଅନ୍ ସାଇକେଲ୍

'ସଣ୍ଡେଜ୍ ଅନ୍ ସାଇକେଲ୍' ଆଜି ଲୋକଙ୍କ ମଧ୍ୟରେ ଏକ ଆଗ୍ରହ ଏବଂ ସଂସ୍କୃତି ପାଲଟିଛି ବୋଲି କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି । ଆଜି 'ସଣ୍ଡେଜ୍ ଅନ୍ ସାଇକେଲ୍' କାର୍ଯ୍ୟକ୍ରମର ପ୍ରଥମ ବାର୍ଷିକୀ ଅବସରରେ ଗଣମାଧ୍ୟମ ସହ ଆଲୋଚନା କରି ଡକ୍ଟର ମାଣ୍ଡବୀୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଫିଟ୍‌ନେସ୍‌କୁ ପ୍ରୋତ୍ସାହିତ କରିବା ଏବଂ ମେଦବହୁଳତା ବିରୋଧରେ ଲଢ଼ିବାପାଇଁ ଏହି ପ୍ରୟାସ ଆରମ୍ଭ କରାଯାଇଥିଲା । ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ପ୍ରଦୂଷଣ ହ୍ରାସ କରିବାପାଇଁ ସାଇକେଲ୍ ଚାଳନାକୁ ଏକ ସମାଧାନ ଭାବେ ଗ୍ରହଣ କରିବାକୁ ଲୋକଙ୍କୁ ଉତ୍ସାହିତ କରେ । ଏହି ଅଭିଯାନରେ ବହୁସଂଖ୍ୟାରେ ଲୋକ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରୟାସ ପ୍ରଥମେ ୫ଟି ସ୍ଥାନରେ ମାତ୍ର ୫୦୦ ଅଂଶଗ୍ରହଣକାରୀଙ୍କ ସହ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଦେଶର ପ୍ରାୟ ୮ ହଜାର ସ୍ଥାନରେ ଏହା ଆୟୋଜିତ ହେଉଛି ବୋଲି ଶ୍ରୀ ମାଣ୍ଡବୀୟ କହିଛନ୍ତି ।

# ଏଚ୍.ଏମ୍. - ଏକ୍ସ-ଅଗ୍ନିବୀର କୋଟା

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ' ସୀମା ସୁରକ୍ଷା ବଳ - ବି.ଏସ୍.ଏଫ୍.ରେ କନେଷ୍ଟବଳ ନିଯୁକ୍ତିପାଇଁ ସେବାନିବୃତ୍ତ ଅଗ୍ନିବୀରଙ୍କ କୋଟାକୁ ୧୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି । ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ସେବାନିବୃତ୍ତ ଅଗ୍ନିବୀରଙ୍କ ପ୍ରଥମ ବ୍ୟାଚ୍ ମଧ୍ୟ ସର୍ବୋଚ୍ଚ ବୟସ ସୀମା କ୍ଷେତ୍ରରେ ୫ ପର୍ଯ୍ୟନ୍ତ କୋହଳ କରାଯିବ । ଅନ୍ୟ ସେବାନିବୃତ୍ତ ଅଗ୍ନିବୀରଙ୍କ ପାଇଁ ସର୍ବୋଚ୍ଚ ବୟସୀ ସୀମାରେ ୩ ବର୍ଷ କୋହଳ କରାଯାଇଛି । ଏତଦ୍‌ବ୍ୟତୀତ ସେମାନଙ୍କୁ ଶାରୀରିକ ମାନକ ପରୀକ୍ଷା ଏବଂ ଶାରୀରିକ ଦକ୍ଷତା ପରୀକ୍ଷାରୁ ମଧ୍ୟ ମୁକ୍ତ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ସୀମା ସୁରକ୍ଷା ବାହିନୀ ଜେନେରାଲ ଡ୍ୟୁଟି କ୍ୟାଡର୍ (ଅଣଗେଜେଟେଡ୍) ନିଯୁକ୍ତି ନିୟମ-୨୦୧୫ରେ ସଂଶୋଧନ କରାଯାଇ ଏହି ବୃଦ୍ଧି କରାଯାଇଛି । ପ୍ରତ୍ୟେକ ନିଯୁକ୍ତି ବର୍ଷରେ ୫୦ ପ୍ରତିଶତ ପ୍ରତ୍ୟକ୍ଷ ନିଯୁକ୍ତିଦ୍ୱାରା ଅଗ୍ନିବୀରଙ୍କ ପାଇଁ ଖାଲି ପଦବୀ ସଂରକ୍ଷଣ କରାଯିବ । ବାର୍ଷିକ ଖାଲି ପଦବୀ ପୂରଣରେ ସେବାନିବୃତ ସୈନିକମାନଙ୍କପାଇଁ ୧୦ ପ୍ରତିଶତ ଏବଂ କନେଷ୍ଟବଳ (ଟ୍ରେଡସ୍‌ମ୍ୟାନ୍)ଙ୍କ ପାଇଁ ୩ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ କରାଯିବ ବୋଲି ମନ୍ତ୍ରଣାଳୟର ବିଜ୍ଞପ୍ତିରେ କୁହାଯାଇଛି ।

## ରେଲ୍‌ୱେଜ୍ - ଫେୟାର ରେସନାଲାଇଜେସନ୍

ଭାରତୀୟ ରେଳବାଇ ପକ୍ଷରୁ ରେଳଭଡ଼ାରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ନୂତନ ଭଡ଼ା ଆସନ୍ତା ୨୬ ତାରିଖରୁ ଲାଗୁ ହେବ । ପରିବର୍ତ୍ତିତ ଢ଼ାଞ୍ଚା ଅନୁଯାୟୀ ୨୧୫ କିଲୋମିଟର ପର୍ଯ୍ୟନ୍ତ ସାଧାରଣ ଶ୍ରେଣୀ ଯାତ୍ରାଭଡ଼ାରେ କୌଣସି ବୃଦ୍ଧି କରାଯାଇ ନାହିଁ । ୨୧୫ କିଲୋମିଟର ପରେ ଭଡ଼ାରେ ୧ ପଇସା ବୃଦ୍ଧି କରାଯାଇଥିବାବେଳେ ଅଣ ବାତାନୁକୂଳିତ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ରେ କିଲୋମିଟର ପିଛା ୨ ପଇସା ଭଡ଼ା ବୃଦ୍ଧି କରାଯାଇଛି । ବାତାନୁକୂଳିତ ଶ୍ରେଣୀରେ ମଧ୍ୟ କିଲୋମିଟର ପିଛା ୨ ପଇସା ବୃଦ୍ଧି କରାଯାଇଛି । ଉପନଗରୀୟ ଏବଂ ମାସିକ ସିଜନ୍ ଟକଟରେ କୌଣସି ବୃଦ୍ଧି କରାଯାଇ ନାହିଁ । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବୃଦ୍ଧି ଦ୍ୱାରା ବାର୍ଷିକ ଅତିରିକ୍ତ ୬୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇପାରିବ ।

## ଭି.ପି. - ଇନ୍ଦୋର୍

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନପାଇଁ ଆଜି ଇନ୍ଦୋର୍‌ରେ 'ଶୂନ୍ୟ ସେ ଶତକ : ଏକ ଶତାବ୍ଦୀ ଅଟଳ

ଭାରତ କୀ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ମଧ୍ୟପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ପଟେଲ୍ ଏବଂ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଡେଲି କଲେଜ ପରିସରରେ ଲୋକମାତା ଦେବୀ ଅହିଲ୍ୟାବାଈଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡକ୍ଟର ଯାଦବ ସୂଚନା ଦେଇ କହିଥିଲେ, ଆସନ୍ତା ୨୫ ତାରିଖରେ ଅଟଳଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନର ସମାପ୍ତି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗ୍ୱାଲିୟରରେ ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ ।

## କ୍ରିକେଟ୍ - ୟୁ୧୯

ଦୁବାଇର ଆଇ.ସି.ସି. ଏକାଡେମୀ ପଡ଼ିଆରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ୨୦୨୫ ଫାଇନାଲ୍‌ରେ ଭାରତକୁ ୧୯୧ ରନ୍‌ରେ ପରାସ୍ତ କରି ପାକିସ୍ତାନ ବିଜୟ ଲାଭ କରିଛି । ୩୪୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୨୬ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିପାରିଥିଲା ।

*****